Tel:-06792-252703
Website : www.baripadamunicipality.in
e-mail : baripadam.hud@nic.in

# ବାରିପଦା ପୌର ପରିଷଦ,

## ବାରିପଦା , ମୟୁରଭଞ୍ଜ - ୭୫୭୦୦୧

---

ପତ୍ର ସଂଖ୍ୟା 6916 / ଟ୍ୟାକ୍ସ **ନିଲାମ ଇସ୍ତାହାର** ତା. 13.11.2020 / ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ବାରିପଦା ପୌରପରିଷଦର ପତ୍ର ସଂଖ୍ୟା ୬୪୯୧/ଟ୍ୟାକ୍ସ ତା.୨୧.୧୦.୨୦୨୦ ରିଖ ମତେ ବାରିପଦା ପୌରପାରିଷଦର ୧୨ ଗୋଟି ସୈରାତର ଜଉମୁଦ ଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଇଥିଲା | ତନ୍ମଧ୍ୟରୁ କେବଳ ଗୋଟିଏ ସୈରାତ **"ଷ୍ଟେସନ ବଜ଼ାର ମାର୍କେଟ,ୱାର୍ଡ ନଂ୧୩ ଓ ୨୦"** ଉପଯୁକ୍ତ ନିୟମାବଳି ଅନୁଯାୟୀ ଚୟନ ହୋଇଅଛି ତେଣୁ ଅବଶିଷ୍ଟ ୧୧ଗୋଟି ସୈରାତ ଗୁଡିକୁ ପୁନର୍ବାର ଜଉମୁଦ ଦିଆ ନିବିଦା (Sealed Quotation) ଆହ୍ୱାନ କରିବା ପାଇଁ ସ୍ଥିରୀକୃତ ହୋଇଅଛି | ପୂର୍ବ ନିର୍ଦ୍ଧାରିତ ନିୟମାବଳୀ ବଳବତ୍ତର ରହିବ | ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା ୨୩.୧୧.୨୦୨୦ ରିଖ ଦିବା ୩ ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ | ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ | ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ | ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି | ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ | ଦାଖଲ ହୋଇଥିବା ନିବିଦା ଗୁଡିକ ସେହିଦିନ ଅର୍ଥାତ ତା ୨୩.୧୧.୨୦୨୦ ରିଖ ଦିବା ୪ ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ |

ସବିଶେଷ ବିବରଣୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ ସାଇଟ – **www.baripadamunicipality.in** ରେ ଓ କାର୍ଯ୍ୟାଳୟ ଦିବସ ମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ |

Contd...P/2

| Sl. No. | Sairat Name | Lease period extended in view of COVID-19 Pandemic | Lease period for public auction 2020-21 | Up-set price to be fixed for the up-coming year 2020-21 onwards | S.D. amount @ 10% of the Up-set price | Cost of auction paper |
|---|---|---|---|---|---|---|
| 1 | Triangular Place at K.M.B.M. Road | July-2020 to Oct.-2020 | 15.11.2020 to 14.11.2021 (1 year) | 7,70,500-00 | 77,050-00 | 500-00 |
| 2 | Market Cycle Stand (near market area) | July-2020 to Oct.-2020 | 15.11.2020 to 14.11.2021 (1 year) | 19,898-00 | 1,990-00 | 200-00 |
| 3 | K.M.B.M. Cycle Stand | July-2020 to Oct.-2020 | 15.11.2020 to 14.11.2021 (1 year) | 13,000-00 | 1,300-00 | 200-00 |
| 4 | Carts & Carriage with dog License | July-2020 to Oct.-2020 | 15.11.2020 to 14.11.2021 (1 year) | 69,995-00 | 7,000-00 | 200-00 |
| 5 | Biju Pattnaik Children Park Canteen | July-2020 to Oct.-2020 | 15.11.2020 to 14.11.2021 (1 year) | 59,201-00 | 5,920-00 | 200-00 |
| 6 | Baripada Market & other places except, Ward No.13 to 20 | July-2020 to Oct.-2020 | 15.11.2020 to 14.11.2021 (1 year) | 27,31,000-00 | 2,73,100-00 | 1000-00 |
| 7 | Bustand Parking fee | July-2020 to Oct.-2020 | 15.11.2020 to 14.11.2021 (1 year) | 3,99,999-00 | 40,000-00 | 500-00 |
| 8 | Day night cycle & other vehicle stand, Kacheri veg. market | | 15.11.2020 to 14.11.2021 (1 year) | 1,51,000-00 | 15,100-00 | 500-00 |
| 09 | Jublee Park canteen | July-2020 to Oct.-2020 | 15.11.2020 to 14.11.2023 (3 years) | 2,20,681-00 | 22,068-00 | 500-00 |
| 10 | Parking fee from Loaded vehicle | August-2020 to Oct.-2020 | 15.11.2020 to 14.11.2023 (3 years) | 19,18,620-00 | 1,91,862-00 | 1,000-00 |
| 11 | Hoarding | | 15.11.2020 to 14.11.2023 (3 years) | 11,00,000-00 | 1,10,000-00 | 1,000-00 |

କ୍ରମଶଃ....ପୃଷ୍ଠା/ ୩

<u>ନିମ୍ନୋକ୍ତ ସର୍ତ୍ତାବଳି ଅନୁଯାୟୀ ନିବିଦା ଚୂଡାନ୍ତ କରାଯିବ ।</u>

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ solvency certificate ବା ନିବିଦା ମୂଲ୍ୟ ର ବ୍ୟାଙ୍କ guarantee in favour of " Executive Officer , payable at Baripada" ଦାଖଲ କରିବେ , ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବନାହିଁ ।

୩. ନିବିଦା ସହିତ ଆବଶ୍ୟକୀୟ S .D . Money (ଅମାନତ ଟଙ୍କା) " Bankers check or D.D. in favour of The Executive Officer , Baripada Municipality , Baripada , payable at ବାରିପଦା " ଜରିଆରେ ଦାଖଲ କରିବେ ।

୪. ନିବିଦା ଦାତା ପୌରାଞ୍ଚଳ ଅଧିବାସୀ ହୋଇ ଥିବେ ଏବଂ ତାହାର ଏକ ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ ଭୋଟର ଆଇ. ଡ଼ି କାର୍ଡ ସହିତ ଗୃହ ଟିକସ / ଦୋକାନ ଭଡା ( ଯଦି ଦୋକାନ ଥାଏ ) ଓ ଅନ୍ୟାନ୍ୟ ଟେକ୍ସ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ । ନଚେତ ତାହା ଗ୍ରହଣୀୟ ହେବନାହିଁ ।

୫. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟର ସୂଚନା ପ୍ରାପ୍ତିର ୩(ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମୁନିସିପାଲିଟି ଅଫିସରେ ପୈଠ କରିବେ । ନଚେତ ତାଙ୍କର ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।

୬. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡାନ୍ତ ହେବାର ୭ (ସାତ) ଦିନ ମଧ୍ୟରେ କରିବେ ।

୭. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଦରଖାସ୍ତ ମାଧ୍ୟମରେ ଅମାନତ ଟଙ୍କାର ମୂଳ ରସିଦ ଦାଖଲ କରି ଫେରସ୍ତ ନେଇ ପାରିବେ ।

୮. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।

(signature) 13/11/2020.

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବାରିପଦା ପୌରପରିଷଦ ।

ଜ୍ଞାପକ ସଂଖ୍ୟା __________/ ତା ______________ ରିଖ

ଏହାର ଏକକିତା ନକଲ ପୌରପାଳିକା କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ୱେବ ସାଇଟ – www.baripadamunicipality.inରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ / ସାଧାରଣ ଓ ବିବିଧ ବିଭାଗ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ତହସିଲଦାର , ବାରିପଦା / ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବାରିପଦା / ନିର୍ବାହୀ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ , ବାରିପଦା ଙ୍କ ନୋଟିସ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା |

13/11/2020

କାର୍ଯ୍ୟ ନିର୍ବାହୀ ଅଧିକାରୀ ,
ବାରିପଦା ପୌରପରିଷଦ |

ଜ୍ଞାପକ ସଂଖ୍ୟା __________/ ତା ______________ ରିଖ

ଏହାର ଏକକିତା ନକଲ ଶ୍ରୀ ରାଧାକୃଷ୍ଣ ନାଥ, ପିଅନଙ୍କୁ ଦିଆଯାଇ ଡ଼ାକବାଜି ଯନ୍ତ୍ର ଦ୍ୱାରା ଗୋଟିଏ ଦିନ ପାଇଁ ବାରିପଦା ସହରରେ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଗଲା |

କାର୍ଯ୍ୟ ନିର୍ବାହୀ ଅଧିକାରୀ ,
ବାରିପଦା ପୌରପରିଷଦ |